# ଓଡ଼ିଶା ପ୍ରତି କେନ୍ଦ୍ର ବିମୁଖ

## ଆଇଆଇଟି ପରେ ୧୨% ମାଗଣା ବିଦ୍ୟୁତ୍ ଶକ୍ତିରୁ ବଞ୍ଚିତ

ଭୁବନେଶ୍ୱର, ୧୪।୫ (ନି.ପ୍ର)– ଓଡ଼ିଶା ପ୍ରତି କେନ୍ଦ୍ରର ୟୁପିଏ ସରକାରର ଅବହେଳା ଏବେ ଚରମ ସୀମାରେ ପହଞ୍ଚିଛି । କେବଳ ଆଇଆଇଟି ନୁହେଁ ଓଡ଼ିଶାକୁ ୧୨ ପ୍ରତିଶତ ମାଗଣା ବିଦ୍ୟୁତ ଦେବାପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଯୋଜନା କମିଶନକୁ ଯେଉଁ ଅନୁରୋଧ କରାଯାଇଥିଲା ତାହାକୁ ମଧ୍ୟ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି ବୋଲି ଶକ୍ତିମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ।

ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର କହିଲେ ଯେ ଜଳ ବିଦ୍ୟୁତ ପ୍ରକଳ୍ପ ଥିବା ଉତ୍ତରାଞ୍ଚଳ ଓ ହିମାଚଳ ପ୍ରଦେଶ ଭଳି ରାଜ୍ୟକୁ କେନ୍ଦ୍ର ସରକାର ୧୨ ପ୍ରତିଶତ ମାଗଣା ବିଦ୍ୟୁତ ଦେଉଛନ୍ତି । ସେହି ଅନୁଯାୟୀ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ଭଳି କୋଇଲାଭିତ୍ତିକ ରାଜ୍ୟକୁ ତାପଜ ବିଦ୍ୟୁତ କେନ୍ଦ୍ରରୁ ୧୨ ପ୍ରତିଶତ ବିଦ୍ୟୁତ ମାଗଣାରେ ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଯୋଜନା କମିଶନଙ୍କୁ ଅନୁରୋଧ କରାଯାଇଥିଲା । ଏବେ ଏହି ଅନୁରୋଧକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେଇ ଓଡ଼ିଶାର ନ୍ୟାଯ୍ୟ ଦାବିରୁ ବଞ୍ଚିତ କରିଛନ୍ତି । କଣିହାଁସ୍ଥିତ ଏନଟିପିସିରୁ ଉତ୍ପାଦିତ ହେଉଥିବା ୩ ହଜାର ମେଗାୱାଟ ବିଦ୍ୟୁତ ଶକ୍ତିରୁ ରାଜ୍ୟ ସରକାର ଏକ ହଜାର ମେଗାୱାଟ ବିଦ୍ୟୁତ ଶକ୍ତି ପାଇବା କଥା । କିନ୍ତୁ କେନ୍ଦ୍ର ସରକାର ପ୍ରଥମ ୧ହଜାର ମେଗାୱାଟ ବିଦ୍ୟୁତ ଶକ୍ତିରୁ ୩୩୩ ମେଗାୱାଟ ବିଦ୍ୟୁତ ଶକ୍ତି ଯୋଗାଉଛନ୍ତି । ଅବଶିଷ୍ଟ ୨ହଜାର ମେଗାୱାଟ ବିଦ୍ୟୁତ ଶକ୍ତିରୁ ଯେଉଁ ୬୬୬ ମେଗାୱାଟ ବିଦ୍ୟୁତ ଶକ୍ତି ଯୋଗାଇବା କଥା; ତାହା ଦେବାକୁ ମନା କରିଦେଇଛନ୍ତି । କେନ୍ଦ୍ର ସରକାର ତାଙ୍କ ଉତ୍ତରରେ କହିଛନ୍ତି ଯେ ଏନଟିପିସି ସ୍ଥାପନ ବେଳେ ତତ୍କାଳୀନ କଂଗ୍ରେସ ସରକାର ଏଭଳି କିଛି ଚୁକ୍ତି କରିନଥିଲେ । ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତକାଳରେ ଏନଟିପିସିରୁ ୨୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ୮ ମାସ ପରେ ଏବେ ଏହି ବିଦ୍ୟୁତ ଶକ୍ତି ଯୋଗାଇବା ପାଇଁ

● ପୃଷ୍ଠା ୨ ଦେଖନ୍ତୁ